USAID FROM THE AMERICAN PEOPLE | BILL & MELINDA GATES foundation | CSISA Cereal Systems Initiative for South Asia | CIMMYT International Maize and Wheat Improvement Center | IFPRI | IRRI



# ବିହନ ଓ ସାରବୁଣା ଯନ୍ତ୍ର ବ୍ୟବହାର କରି ସୂର୍ଯ୍ୟମୁଖୀର ଧାଡ଼ିବୁଣା

**ଧାଡ଼ିକୁ ଧାଡ଼ି ଦୂରତା ବଜାୟ ରଖି ଉପଯୁକ୍ତ ଗଭୀରତାରେ ବିହନ ବୁଣିବା ନିମନ୍ତେ ବିହନ ଓ ସାରବୁଣା ଯନ୍ତ୍ର ବ୍ୟବହାର କରି ସୂର୍ଯ୍ୟମୁଖୀ ବୁଣାଯିବା ଉଚିତ୍ । ଏହାଦ୍ୱାରା ସାର ପ୍ରୟୋଗ ଓ ଯନ୍ତ୍ର ସାହାଯ୍ୟରେ ଘାସ ଦମନ ସହଜ ହେବା ସହିତ ଅଧିକ ଅମଳ ଓ ଅଧିକ ଲାଭ ମିଳିଥାଏ ।**

ସୂର୍ଯ୍ୟମୁଖୀ ଏକ ପ୍ରମୁଖ ତୈଳବୀଜ ଫସଲ । ବିଗତ ୨୦୧୨-୧୩ ବର୍ଷର ହିସାବ ଅନୁସାରେ ଭାରତରେ ଏହି ଫସଲ ୭ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଇ ହେକ୍ଟର ପ୍ରତି ୭୧୨ କିଲୋଗ୍ରାମ ଅମଳ ମିଳିଥାଏ । ଓଡ଼ିଶାରେ ଏହା ଜଳସେଚିତ ଫସଲ ହିସାବରେ ୨୫ ହଜାର ହେକ୍ଟର ଜମିରେ ଚାଷ ହୁଏ ଓ ହେକ୍ଟର ପ୍ରତି ୧୧୯୩ କିଲୋଗ୍ରାମ୍ ଅମଳ ମିଳିଥାଏ (୨୦୧୩-୧୪) । ଏହି ତେଲରେ ଅଧିକ ପରିମାଣରେ ଓଲେଇକ୍ ଏସିଡ୍ ଥିବାରୁ ଏହା ରକ୍ତରେ କୋଲେଷ୍ଟରଲ ମାତ୍ରା ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଫଳରେ ଏହି ତେଲର ଅଧିକ ଚାହିଦା ରହିଥାଏ । ରାଜ୍ୟର ଆଭ୍ୟନ୍ତରୀଣ ଜିଲ୍ଲା ବ୍ୟତିତ ମହାବାତ୍ୟା ପ୍ରଭାବିତ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଏହି ଫସଲ ଚାଷ ହେଉଛି । ଏହାର କେତେକାଂଶରେ ଲୁଣି ସହଣୀ କ୍ଷମତା ରହିଛି ।

## ଜମି ପ୍ରସ୍ତୁତି

ସୂର୍ଯ୍ୟମୁଖୀ ଫସଲ ଭଲଭାବେ ଚାଷ ହୋଇଥିବା ବତର ଥିବା ମାଟି ଆବଶ୍ୟକ କରିଥାଏ । ପ୍ରଥମ ଥର ମୋଡପତ୍ର ଲଙ୍ଗଳରେ ହଳ କରାଯାଇ ଏହାପରେ ଦେଶୀ ଲଙ୍ଗଳରେ ୨-୩ ଥର ଚାଷ କରିବା ଦରକାର । ମାଟିରେ ଟେଳା ନ ରହିବା ପାଇଁ ମଇ ଦେଇ ଜମିକୁ ସମତୁଲ କରିଦେବା ଆବଶ୍ୟକ (ଲେଜର ଲେବଲର ଥିଲେ ଚଳାଇବା ଭଲ) । ଭଲ ଗଜାହେବା ପାଇଁ ବୁଣିବାବେଳେ ଜମିରେ ଯଥେଷ୍ଟ ବତର ଥିବା ଆବଶ୍ୟକ ।

## ବୁଣିବା ଉପକରଣ

ଏହା ଏକ ଆଲୋକ ସମ୍ବେଦନଶୀଳ ଫସଲ । ତେଣୁ ଏହାକୁ ଶୀତଦିନିଆ ଫସଲ (ଅକ୍ଟୋବର ମଧ୍ୟ ଭାଗରୁ ନଭେମ୍ବର ମାସ ମଧ୍ୟ ଭାଗ ମଧ୍ୟରେ ବୁଣାଯିବା) ବା ପ୍ରାକ୍ ଗ୍ରୀଷ୍ମ ଫସଲ (ଜାନୁଆରୀ ମାସ ପ୍ରଥମ ପକ୍ଷରେ ବୁଣାଯିବ) ହିସାବରେ ନିଆଯାଇପାରେ । ବିହନ ଶୀଘ୍ର ବୁଣିଦେବା ଦରକାର ଯେପରି ଫୁଲ ଆସିବାବେଳେ ବାୟୁମଣ୍ଡଳର ଉତ୍ତାପ ୩୮-୪୦ ଡିଗ୍ରୀ ସେଲ୍‌ସିୟସ ନହୁଏ । ଏହାହେଲେ ପରାଗରେଣୁ ଶୁଖିଯିବା ଦ୍ୱାରା ଦାନା ହୋଇନଥାଏ । ଉତ୍ତମ ଭାବେ ବୁଣିବା ପାଇଁ ଆନତ ପ୍ଲେଟ୍ ବିହନ ମିଟରିଂ ବ୍ୟବସ୍ଥା ଓ ଓଲଟା ଟି (T) ଜାତିର ସିଆର କରିବା ଉପକରଣ ସଂଯୁକ୍ତ ବିହନ ଓ ସାରବୁଣା ଯନ୍ତ୍ର ବ୍ୟବହାର କରିବା ଉଚିତ୍ । ପାୱାରଟିଲର ଚାଳିତ ବିହନବୁଣା ଯନ୍ତ୍ର କିମ୍ବା ଦୁଇ ଚକିଆ ଟ୍ରାକ୍ଟର ଚାଳିତ ବିହନ ଓ ସାର ବୁଣା ଯନ୍ତ୍ର ବ୍ୟବହାର କରି ମଧ୍ୟ ବିହନ ବୁଣାଯାଇପାରେ ।

- **ବୁଣିବା ଗଭୀରତା:** ୫-୭ ସେ.ମି

**ଧାଡ଼ିକୁ ଧାଡି ଦୂରତା:**

- **ସାଧାରଣ କିସମ: ସାଧାରଣ କିସମ: ୪୫ ସେ.ମି. X ୩୦ ସେ.ମି.**
- **ସଙ୍କର କିସମ: ୬୦ ସେ.ମି. X ୨୦ ସେ.ମି.**
- **ବୁଣିବା ସମୟ:** ଅକ୍ଟୋବର ମଧ୍ୟଭାଗରୁ ନଭେମ୍ବର ମଧ୍ୟ ଭାଗ (ଶୀତ ଋତୁ) ଏବଂ ଜାନୁଆରୀ ପ୍ରଥମ ପକ୍ଷ (ପ୍ରାକ୍ ଗ୍ରୀଷ୍ମ ଋତୁ) ।

**ଉପଯୁକ୍ତ ବିହନ କିସମ:**

- **ସାଧାରଣ କିସମ : ମଡର୍ଣ୍ଣ, ଟିଏନଏୟୁଏସୟୁଏଫ୍-୭ ଏବଂ ଡ଼ିଆରଏସଏଫ୍-୧୦୮ (୯୦ ଦିନ)**
- **ସଙ୍କର କିସମ : (୯୦-୧୦୦ ଦିନ) ପିଏସି-୩୬, କେବିଏସଏଚ-୧, ଏମଏସଏଫଏଚ-୮, ଏମଏସଏଫଏଚ-୧୭, ଜ୍ୱାଳାମୁଖୀ ୧୧୦**

**ବିହନ ପରିମାଣ:**

- **ସାଧାରଣ କିସମ: ଏକର ପ୍ରତି ୪ କି.ଗ୍ରା.**
- **ସଙ୍କର କିସମ: ଏକର ପ୍ରତି ୨ କି.ଗ୍ରା.**

**ବିହନ ବିଶୋଧନ:** ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନ ସହିତ ୧.୫ ଗ୍ରାମ ଭିଟାଭାକ୍ସ ପାୱାର (କାର୍ବୋକ୍ସିନ + ଥିରାମ) କିମ୍ବା ୫ ଗ୍ରାମ୍ ମେଟାଲାକ୍ସିଲ୍ ମିଶାଇ ବିଶୋଧନ କରିଦିଅନ୍ତୁ ।

## ଖାଦ୍ୟସାର ପରିଚାଳନା

| କିସମ | ଖାଦ୍ୟସାର ଆବଶ୍ୟକତା (ହେକ୍ଟର ପ୍ରତି କି.ଗ୍ରା.) | | |
|---|---|---|---|
| | ଯବକ୍ଷାର | ଫସଫରସ | ପଟାସ |
| ସାଧାରଣ କିସମ | ୩୦ | ୪୦ | ୩୦ |
| ସ ଙ୍କର କିସମ | ୬୦ | ୮୦ | ୬୦ |

**ସୂଚନା:**

୧. ସଙ୍କରଜାତୀୟ କିସମ ପାଇଁ ଏକର ପ୍ରତି ୭୦ କି.ଗ୍ରା. ଡିଏପି, ୪୦ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ ଏବଂ ୨୫ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।

୨. ସାଧାରଣ କିସମ ପାଇଁ ଏକର ପ୍ରତି ୩୫ କି.ଗ୍ରା. ଡିଏପି, ୨୦ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ ଏଫଂ ୧୨.୫ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।

୩. ବୁଣିବାବେଳେ ମୂଳସାର ହିସାବରେ ଡିଏପି ପ୍ରୟୋଗ କରି ମାଟିରେ ମିଶାଇ ଦେବା ଦରକାର । ଜମି ପ୍ରସ୍ତୁତିବେଳେ ମ୍ୟୁରେଟ୍ ଅଫ୍ ପଟାସକୁ କିଆରିରେ ବୁଣାଯାଇପାରେ । ୟୁରିଆ ସାରକୁ ଦୁଇଥରରେ (ପ୍ରଥମ ଓ ଦ୍ୱିତୀୟ ଜଳସେଚନ ପୂର୍ବରୁ) ଧାଡିରେ ପ୍ରୟୋଗ କରାଯାଇପାରେ ।

୪. ଚୂନ, ଗନ୍ଧକ ଓ ବୋରନ ପ୍ରୟୋଗ କଲେ ସୂର୍ଯ୍ୟମୁଖୀ ଅମଳ ବୃଦ୍ଧି ପାଇଥାଏ । ଦାନା ପୂରଣ ଓ ଦାନାର ଓଜନ ବୃଦ୍ଧି କରିବାରେ ଚୂନ ସାହାଯ୍ୟ କରିଥାଏ । ଗନ୍ଧକ ପ୍ରୟୋଗ ଦ୍ୱାରା ଦାନାରେ ତେଲ ପରିମାଣ ବୃଦ୍ଧିପାଏ । ବୋରନ ପ୍ରୟୋଗ ଯୋଗୁଁ ପରାଗରେଣୁ ଅଧିକ ସମୟ ସକ୍ରିୟ ରହିବା ଯୋଗୁଁ ଅଧିକ ଦାନା ହୋଇଥାଏ । ଏହି ଖାଦ୍ୟସାରମାନଙ୍କ ଆବଶ୍ୟକତା ପୂରଣ ନିମନ୍ତେ ବୁଣିବାବେଳେ ଏକର ପ୍ରତି



୧୦୦ କି.ଗ୍ରା. ଜିପସମ ଓ ୪ କି.ଗ୍ରା. ବୋରାକ୍ସକୁ ଧାଡ଼ିରେ ପ୍ରୟୋଗ କରିବା ଉଚିତ୍ । ଫୁଲ ଆସିବାବେଳେ ଶତକଡା ୦.୨ ଭାଗ ବୋରାକ୍ସ ଦ୍ରବଣ ମଧ ଫସଲରେ ସ୍ପ୍ରେ କରାଯାଇପାରେ ।

## ଜଳସେଚନ:

ବୁଣିବା ପୂର୍ବରୁ (ବତର ବୁଣା) ବା ବୁଣିବା ପରେ (ଶୁଖିଲା ଜମିରେ ବିହନ ବୁଣା ଯାଇଥିଲେ) ଜଳସେଚନ ସହିତ ଫସଲର ସଙ୍କଟଜନକ ଅବସ୍ଥାରେ ତିନିଥର ଜଳସେଚନ କରିବା ଉଚିତ୍ ।

- କଢ଼ ହେବା ଅବସ୍ଥା: ବୁଣିବାର ୩୦-୩୫ ଦିନପରେ
- ଫୁଲ ଅବସ୍ଥା: ବୁଣିବାର ୪୫-୫୦ ଦିନ ପରେ
- ଦାନା ପୂରଣ ଅବସ୍ଥା: ବୁଣିବାର ୫୫-୮୦ ଦିନ ପରେ

## ଅନାବନା ଘାସ ପରିଚାଳନା ଓ କୋଡାଖୁସା

- ଆବଶ୍ୟକ ହେଲେ ଗଛ ଦୁଇ ସପ୍ତାହର ହୋଇଥିବା ବେଳେ ବହଳିଆ ଗଛ ଉପାଡ଼ି ଦେବା ଆବଶ୍ୟକ ।
- ବତର ବୁଣା ହୋଇଥିଲେ ବୁଣିବା ପରଦିନ ହେକ୍ଟର ପ୍ରତି ୧ କି.ଗ୍ରା. ପେଣ୍ଡିମେଥାଲିନ୍ କ୍ରିୟାଶୀଳ ପଦାର୍ଥ ଅର୍ଥାତ୍ ଏକର ପ୍ରତି ୧.୨୫ ଲିଟର ବ୍ୟବସାୟିକ ଉତ୍ପାଦ (ଷ୍ଟମ୍ପ ୩୦% ଇସି) ପ୍ରୟୋଗ କରାଯାଇପାରେ । ଏହା ବଦଳରେ ବୁଣିବା ପରେ ହେକ୍ଟର ପ୍ରତି ୧ କି.ଗ୍ରା. ଫ୍ଲୁକ୍ଲୋରାଲିନ୍ କ୍ରିୟାଶୀଳ ପଦାର୍ଥ ଅର୍ଥାତ୍ ଏକର ପ୍ରତି ୮୦୦ ମିଲିଲିଟର ବ୍ୟବସାୟିକ ଉତ୍ପାଦ (ବାସାଲିନ୍ ୪୫% ଇସି) ପ୍ରୟୋଗ କରିବା ଆବଶ୍ୟକ । ବୁଣିବାର ୩-୪ ସପ୍ତାହ ପରେ ହାତରେ ବା ଯନ୍ତ୍ର ସାହାଯ୍ୟରେ ଘାସ ବାଛିଦେବା ଉଚିତ୍ ।
- ଗଛ ୩-୪ ସପ୍ତାହର ହୋଇଗଲେ ଶକ୍ତିଚାଳିତ ୱିଡ଼ର ଚଳାଇ ଘାସ ଦମନ କରିବା ସହିତ ହୁଡା ଟେକାଯାଇପାରେ । ଏହାପରେ ଜଳସେଚନ କରିବା ଆବଶ୍ୟକ ।



## ରୋଗପୋକ ପରିଚାଳନା

ଭଦ୍ରକସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ ଆଞ୍ଚଳିକ ଗବେଷଣା ଓ ସମ୍ପ୍ରସାରଣ କେନ୍ଦ୍ର ସହିତ ଆଲୋଚନା କରି ରୋଗପୋକ ପରିଚାଳନା ପାଇଁ ନିମ୍ନମତେ ସୁପାରିଶ କରାଯାଉଛି ।

**କୀଟ ପରିଚାଳନା**

- ପତ୍ରଖିଆ ସଁବାଳୁଆ: ଏକର ପ୍ରତି ୩୦୦ ମି.ଲି. ଲାମଡା ସାଇଲୋଥ୍ରିନ ପ୍ରୟୋଗ କରନ୍ତୁ ।
- ଶୋଷକ କୀଟ (ଜଉପୋକ, ପତ୍ରଡ଼ିଆଁ ପୋକ, ଉକୁଣିଆ ପୋକ ଏବଂ ଧଳାମାଛି)- ପ୍ରତି କିଲୋଗ୍ରାମ୍ ବିହନ ସହିତ ୫ ମି.ଲି. ଇମିଡାକ୍ଲୋପ୍ରିଡ ୬୦୦ ଏଫଏସ ମିଶାଇ ବିଶୋଧନ କରନ୍ତୁ । ଏହା ବଦଳରେ ଆବଶ୍ୟକତା ଅନୁସାରେ ଏକର ପ୍ରତି ୬୦ ଗ୍ରାମ୍ ଏସିଟା ମିପ୍ରିଡ ବା ୮୦ ଗ୍ରାମ୍ ଥାୟୋମିଥୋକ୍ଜାମ୍ ସ୍ପ୍ରେ କରନ୍ତୁ ।
- ସୂର୍ଯ୍ୟମୁଖୀ ଫୁଲ ବିନ୍ଧାପୋକ: ଏକର ପ୍ରତି ୨୦୦ ମି.ଲି. ଇଣ୍ଡୋକ୍ସାକାର୍ବ ୧୪.୫ ଏସ.ସି. ସ୍ପ୍ରେ କରନ୍ତୁ ।
- ପକ୍ଷୀ ଜନିତ କ୍ଷତି: ସୂର୍ଯ୍ୟମୁଖୀ ଫସଲରେ ପକ୍ଷୀମାନଙ୍କ ଯୋଗୁଁ ଅନେକ କ୍ଷତି ଘଟିଥାଏ । ଦାନା ପୂରଣ ହେବାଠାରୁ ଅମଳ ହେବା ପର୍ଯ୍ୟନ୍ତ ସକାଳ ଓ ସନ୍ଧ୍ୟାବେଳେ ବିଶେଷ କ୍ଷତି ଘଟିଥାଏ । ଏଥିରୁ ରକ୍ଷା ପାଇବା ନିମନ୍ତେ ଫସଲ କିଆରୀରେ ଚିକ୍ ଚିକ୍ କରୁଥିବା ପକ୍ଷୀ ବିକର୍ଷକ ରିବନ ବାନ୍ଧିଦେବା ଆବଶ୍ୟକ ।

**ରୋଗ ପରିଚାଳନା:**

- ମୃତ୍ତିକାବାହିତ ରୋଗ (ନିମ୍ନ ପାଉଁଶିଆ ରୋଗ, ଚେର ସଢ଼ା ରୋଗ, କାଣ୍ଡ ସଢ଼ା ରୋଗ, ଘରା କଟା ରୋଗ, ଝାଉଁଳା ରୋଗ) - ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନ ସହିତ ୧.୫ ଗ୍ରାମ୍ ଭିଟାଭାକ୍ସ ପାଓ୍ୱାର (କାର୍ବୋକ୍ସିନ + ଥିରାମ୍) କିମ୍ବା ୫ ଗ୍ରାମ୍ ମେଟାଲାକ୍ସିଲ୍ ସହିତ ମିଶାଇ ବିଶୋଧନ କରନ୍ତୁ । ରୋଗର ଲକ୍ଷଣ ଦେଖାଗଲେ ଏକର ପ୍ରତି ୪୦୦ ଗ୍ରାମ୍ ରିଡୋମିଲ୍ ଏମଜେଡ (ମେଟାଲାକ୍ସିଲ୍ + ମାଙ୍କୋଜେବ) ଔଷଧ ସ୍ପ୍ରେ କରନ୍ତୁ ।
- ପତ୍ରପୋଡା ଓ ପତ୍ର ଦାଗ ରୋଗ: ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ଏକର ପ୍ରତି ୫୦୦ ଗ୍ରାମ୍ ମାଙ୍କୋଜେବ ପ୍ରୟୋଗ କରନ୍ତୁ । ଦଶଦିନ ଅନ୍ତରରେ ଏହାକୁ ପୁନଶ୍ଚ ପ୍ରୟୋଗ କରିବା ଆବଶ୍ୟକ ।
- ପାଉଁଶିଆ ରୋଗ: ଏକର ପ୍ରତି ୪୦୦ ଗ୍ରାମ୍ ୦.୨% ଦ୍ରବୀଭୂତ ସଲଫର ପ୍ରୟୋଗ କରନ୍ତୁ ।
- ଫୁଲ ସଢ଼ା ରୋଗ: ଏକର ପ୍ରତି ୮୦୦ ଗ୍ରାମ୍ ୦.୪% କପର ଅକ୍ସି କ୍ଲୋରାଇଡ୍ ପ୍ରୟୋଗ କରନ୍ତୁ ।

## ଅମଳ

ମଞ୍ଜିରେ ଶତକଡା ୨୦ ଭାଗ ଜଳୀୟ ଅଂଶ ରହିଥିବାବେଳେ ଫସଲ ଅମଳ ପାଇଁ ଉପଯୁକ୍ତ ହୋଇଥାଏ । ଫୁଲର ତଳ ଭାଗର ରଙ୍ଗ ସବୁଜରୁ ହଳଦିଆ- ବାଦାମୀକୁ ପରିବର୍ତ୍ତନ ହେଲେ ଏହା ଅମଳ ପାଇଁ ଉପଯୁକ୍ତ ହୁଏ । ଗଛରୁ ଭାଙ୍ଗି ଆଣି ଫୁଲକୁ ଖଳାରେ ୪-୫ ଦିନ ଶୁଖାଇ ଦିଆଯାଏ । ଏହାପରେ ବାଡିରେ ବାଡେଇବା ବା ସୂର୍ଯ୍ୟମୁଖୀ ଅମଳଯନ୍ତ୍ର ସାହାଯ୍ୟରେ ମଞ୍ଜି ଅଲଗା କରାଯାଇଥାଏ । ସୁରକ୍ଷିତ ଭାବେ ସାଇତି ରଖିବା ପାଇଁ ମଞ୍ଜିକୁ ଭଲଭାବେ ଶୁଖାଇବା ଦରକାର ଯେପରି ଏହାର ଜଳୀୟ ଅଂଶ ଶତକଡା ୯ ଭାଗ ହୋଇଯିବ ।

## ଧାଡ଼ିବୁଣାର ଉପକାରିତା

- ବିହନ ଓ ସାରବୁଣା ଯନ୍ତ୍ର ବ୍ୟବହାର ଯୋଗୁଁ ମୂଳସାର ପ୍ରୟୋଗ ସହଜ ହୋଇଥାଏ ।
- କୋଡାଖୁସା କରିବା ସହଜ ହେବା ସହିତ ଉପଯୁକ୍ତ ସମୟରେ ଏହା କରାଯାଇଥାଏ ।
- ବ୍ୟୟ ଓ ଶକ୍ତି ସଞ୍ଚୟ
- କମ୍ ମଜୁରୀ ଆବଶ୍ୟକତା
- ଶ୍ରମ ଲାଘବ ହେବା
- ଉତ୍ତମ ଜଳ ବ୍ୟବହାର
- କୃଷି ଉପକରଣ ଭଡା ଦିଆଯିବା ଦ୍ୱାରା ବ୍ୟବସାୟିକ ସୁଯୋଗ ସୃଷ୍ଟି
- ଅଧିକ ଅମଳ ଓ ଅଧିକ ଲାଭ

| କାର୍ଯ୍ୟ | ଏକର ପ୍ରତି ଖର୍ଚ୍ଚ (ଟଙ୍କାରେ) | |
|---|---|---|
| | ଯାନ୍ତ୍ରିକ ପଦ୍ଧତି | ସାଧାରଣ ପଦ୍ଧତି |
| ଜମି ପ୍ରସ୍ତୁତି (ପାରମ୍ପରିକ ଚାଷ) | ୧,୨୦୦ | ୧,୨୦୦ |
| ବିହନ ମୂଲ୍ୟ | ୮୪୦ | ୮୪୦ |
| ବିହନ ବିଶୋଧନ | ୫୦ | ୫୦ |
| ଧାଡ଼ିବୁଣା | ୫୦୦ | ୨,୫୦୦ |
| ଘାସମରା ଔଷଧ | ୫୦୦ | ୫୦୦ |
| ଘାସବଛା ଓ ହୁଡାଦେବ | ୫୦୦ | ୩,୦୦୦ |
| କୀଟନାଶକ ଔଷଧ | ୭୦୦ | ୭୦୦ |
| ବହଳିଆ ଗଛ ଉପାଡ଼ିବା | ୧,୦୦୦ | ୫୦୦ |
| ରାସାୟନିକ ସାର | ୩,୦୦୦ | ୩,୦୦୦ |
| ଜଳସେଚନ | ୨,୦୦୦ | ୨,୦୦୦ |
| ଅମଳ | ୧,୬୦୦ | ୧,୬୦୦ |
| ମଞ୍ଜିଅଲଗା କରିବା | ୨,୦୦୦ | ୨,୦୦୦ |
| **ମୋଟ ଖର୍ଚ୍ଚ** | **୧୩,୮୯୦** | **୧୭,୮୯୦** |

**ସୂଚନା:**

- ସାଧାରଣ ପଦ୍ଧତିରେ ବୁଣିବା ପାଇଁ ଆବଶ୍ୟକ ହେଉଥିବା ଶ୍ରମଶକ୍ତି- ବିହନ ବୁଣିବା (୭ ଶ୍ରମିକ), ଗାର ଟାଣିବା (୩ ଶ୍ରମିକ), ମଜୁରୀ ଦୈନିକ ୨୫୦ ଟଙ୍କା ।
- ଘାସ ବଛା ଓ ହୁଡା ଦେବା- ଦିନକୁ ୨୫୦ ଟଙ୍କା ହିସାବରେ ୧୨ ଜଣ
- ଅମଳ- ଦିନକୁ ୨୦୦ ଟଙ୍କା ହିସାବରେ ୮ ଜଣ
- ମଞ୍ଜି ଅଲଗା କରିବା- ଦିନକୁ ୨୦୦ ଟଙ୍କା ହିସାବରେ ୧୦ ଜଣ

